# ଆଳୁ ସାଇତିବାକୁ ନାହିଁ ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାର

କୋରାପୁଟ,୧୪।୧୦(ଅମିତାଭ ବେହେରା)

ଆଳୁଚାଷ ପାଇଁ କୋରାପୁଟ ଜିଲାର ଜଳବାୟୁ ଓ ମୃତ୍ତିକା ଅତି ଉତ୍ତମ। ଜିଲାରେ ଖରିଫ ଋତୁରେ ଆଳୁଚାଷ ଭଲ ହୋଇଥାଏ। ଜୁନ ପ୍ରଥମ ସପ୍ତାହରୁ ଜୁଲାଇ ପ୍ରଥମ ସପ୍ତାହ ଯାଏ ରୋପଣ ହୋଇଥିବା ଆଳୁ ବିହନ ଚଳିତ ଋତୁରେ ପ୍ରତି ହେକ୍ଟର ପିଛା ୧୦୦ କୁଇଣ୍ଟାଲ ଅମଳ ହୋଇଛି। ଜିଲାର ୪୫୦୦ ହେକ୍ଟର ଜମିରୁ ପାଖାପାଖି ୪୫ହଜାର ଟନ୍ ଆଳୁ ଅମଳ ହେବା ନେଇ ଆଶା ରଖାଯାଇଛି। ତେବେ କୋରାପୁଟ ଜିଲାରେ ଆଳୁ ସାଇତିବାକୁ ସ୍ଥାନ ନାହିଁ। ଜୟପୁର ଉପଖଣ୍ଡରେ ୫ହଜାର ଟନ୍ ବିଶିଷ୍ଟ ଦୁଇଟି ଶୀତଳ ଭଣ୍ଡାର ଥିବା ବେଳେ କୋରାପୁଟ ଉପଖଣ୍ଡରେ ଦୁଇଟି ୫ହଜାର ଟନ ବିଶିଷ୍ଟ ଶୀତଳ ଭଣ୍ଡାର ରହିଛି। ଏହାକୁ ବାଦ୍ ଦେଲେ ଓଏଲ୍ଏମ୍ ପକ୍ଷରୁ କୁନ୍ଦୁଲିରେ ୧୦ ଟନ୍ ବିଶିଷ୍ଟ ଶୀତଳ ଭଣ୍ଡାର ଓ ଆର୍ଏମ୍ସି ପକ୍ଷରୁ ୩ଟି ଶୀତଳ ଭଣ୍ଡାର ରହିଛି। ଏଥିରୁ କୁନ୍ଦୁଲିରେ ଥିବା ଆର୍ଏମ୍ସିର ଗୋଟିଏ ହିଁ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଥିବାବେଳେ ଅନ୍ୟ ୨ଟି ଖରାପ ହୋଇ ପଡିଛି। ସେହିପରି ଦଶମନ୍ତପୁର ଅଞ୍ଚଳରେ ଡଙ୍ଗରରାଣୀ ଫାର୍ମସ ପ୍ରଡୁସର କମ୍ପାନୀ, ଲମତାପୁଟ ଅଞ୍ଚଳରେ କୋରାପୁଟ ନାରୀଶକ୍ତି ଫାର୍ମସ ପ୍ରଡ୍ୟୁସର କମ୍ପାନୀ, ସେମିଳିଗୁଡା ଅଞ୍ଚଳରେ ଆଞ୍ଚଳିକ ମହିଳା ଫାର୍ମସ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ୩ଟି ୩୦ ମେଟ୍ରିକ ଟନର ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରଶାସନର ଅନୁମୋଦନ ମିଳିଥିବାବେଳେ ଏଯାଏ ଅଧାପନ୍ତରିଆ ଭାବେ କାର୍ଯ୍ୟ ପଡ଼ିରହିଛି।

ଅନ୍ୟପକ୍ଷରେ ଜିଲାରେ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାର ନ ଥିବା ଏବଂ ନିଜ ଅମଳ ଆଳୁକୁ ସାଇତି ରଖିବା ନେଇ ଚିନ୍ତାରେ ଥିବା ଚାଷୀଠାରୁ ଫାଇଦା ଉଠାଇବାକୁ ଆଳୁ ଅମଳ ହେବା ପୂର୍ବରୁ ରାଜ୍ୟ ବାହାର ବ୍ୟବସାୟୀମାନେ ଏବେଠାରୁ ଡେରା ପକାଇଲେଣି। ଚଳିତ ଖରିଫରେ ଜିଲାର ୧୦୦ ପଞ୍ଚାୟତରେ ଥିବା ୪୦୦ ଗ୍ରାମରେ ୪୫୦୦ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଛି। ପାଖାପାଖି ୭୫୦୦ ଚାଷୀ ରିହାତି ଦରରେ ଆଳୁ ଚାଷ କରିଛନ୍ତି। ଏହା ୮୫ରୁ ୯୦ ଦିନ ମଧ୍ୟରେ ଅମଳ ହେବା ଆରମ୍ଭ କରିଛି। ନନ୍ଦପୁର ବ୍ଲକରେ ସର୍ବାଧିକ ୧୦୬୦ ହେକ୍ଟର ଜମିରେ ଆଳୁଚାଷ ହୋଇଛି। ସେମିଳିଗଡ଼ା ବ୍ଲକରେ ୯୪୦ ହେକ୍ଟର ଲମତାପୁଟରେ ୭୬୦, ଦଶମନ୍ତପୁର ୪୪୦ କୋରାପୁଟରେ ୪୦୦, ପଟ୍ଟାଙ୍ଗିରେ ୮୦୦, ଲକ୍ଷ୍ମୀପୁର ବ୍ଲକରେ ୧୦୦ ଓ ଜୟପୁର ଉପଖଣ୍ଡରେ ୧୫୦ ହେକ୍ଟର ଜମିରେ ଖରିଫ ଆଳୁଚାଷ କରାଯାଇଛି। ଜୟପୁର ଇଗଲୁ ଓ ଡିଆର ଶୀତଳଭଣ୍ଡାରରେ ୧୦ ହଜାର ଟନ୍ ଆଳୁ ରଖିବାର କ୍ଷମତା ରହିଛି। ତେବେ ଏଥିରେ ଆଳୁ ରଖିବା ପୂର୍ବରୁ ଅନ୍ୟ ଜିନିଷ ତେନ୍ତୁଳି, ଗୋଲାପ ଫୁଲ ଓ ଅନ୍ୟ ସାମଗ୍ରୀ ରହିଥିବାରୁ ଏଠାରେ ଆଳୁ ରଖିବା ସମ୍ଭବ ନୁହେଁ। ସେହିପରି କୋରାପୁଟ ଉପଖଣ୍ଡରେ ରହିଥିବା ଦୁଇଟି ଶୀତଳ ଭଣ୍ଡାରରେ ୧୦ ହଜାର ଟନ୍ ଆଳୁ ରହିବାର କ୍ଷମତା ରହିଥିବାବେଳେ ଏଠାରେ ମଧ ଅନ୍ୟ ଜିନିଷ ଭର୍ତ୍ତି ହୋଇ ରହିଛି। ଆଳୁ ରଖିବାକୁ ସ୍ଥାନ ଅଭାବ ଯୋଗୁ ଏହାକୁ ସାଇତି ରଖିବା ସମ୍ଭବ ହେଉନାହିଁ। ଫଳରେ ଜିଲାରେ ଶାଗମାଛ ଦରରେ ଆଳୁ ନେବାକୁ ଉତ୍ତରପ୍ରଦେଶ, ବିହାର, ଛତିଶଗଡ଼ ଓ ଆନ୍ଧ୍ରରୁ ଆସି ବ୍ୟବସାୟୀମାନେ ଚାଷୀଙ୍କୁ ପ୍ରଲୋଭିତ କରୁଛନ୍ତି। ଜିଲାର ଦଶମନ୍ତପୁର ବ୍ଲକର ପୋଡ଼ଗଡ଼ ସମେତ ବିଭିନ୍ନ ଅଞ୍ଚଳରେ ସିୱାଇଏସ୍ଡି ପକ୍ଷରୁ ଡଙ୍ଗରରାଣୀ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଜରିଆରେ ଆଳୁ ଚାଷ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୧ ହଜାର ୯୫୦ କେଜି ଅମଳ କରାଯାଇଛି। ଆଳୁ କେଜି ପ୍ରତି ୧୨ରୁ୧୭ ଟଙ୍କା ଦରରେ ବିକ୍ରି କରୁଥିବା ଏହାର ସଂଯୋଜକ ଆନନ୍ଦ କୁମାର ମଲ୍ଲିକ କହିଛନ୍ତି। ଏନେଇ ଜିଲା ଉଦ୍ୟାନକୃଷି ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ଚାଷୀଙ୍କୁ କମ୍ ଦରରେ ଆଳୁ ନ ବିକିବାକୁ କୁହାଯାଉଛି। ଏବେ ବଜାରରେ ଆଳୁ କେଜି ପିଛା ୨୦ରୁ୨୫ ଟଙ୍କା ରହିଛି। ଚାଷୀଙ୍କୁ ଆଳୁ ଶୀତଳଭଣ୍ଡାରରେ ରଖିବାକୁ ପରାମର୍ଶ ଦେଉଛୁ। ତଥାପି କେତେଜଣ ଚାଷୀ ତୁରନ୍ତ ଅର୍ଥ ପାଇବାକୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଜୟପୁର ଓ କୋରାପୁଟରେ ୨୦ ହଜାର ଟନ୍ ଆଳୁ ରଖିବାକୁ ସ୍ଥାନ ରହିଛି। ହେଲେ ଲୋକେ ଆଳୁ ରଖିବାକୁ ନାରାଜ ବୋଲି ସେ କହିଛନ୍ତି। ଏନେଇ ହାତଗୁଡା ଗ୍ରାମର ଆଳୁଚାଷୀ ଲକ୍ଷ୍ମଣ ଖିଲ ଧନମତି ଖିଲ କହନ୍ତି, ଆଳୁ ନେବା ପାଇଁ କୋଲକତା ଓ ଆନ୍ଧ୍ରରୁ ବ୍ୟବସାୟୀମାନେ ଆସି ଜମି ପାଖରୁ ଗାଡି ଯୋଗେ ଆଳୁ ନେଇଯାଉଛନ୍ତି । ସେମାନେ ଭଲ ଆଳୁ ନେଉଛନ୍ତି , ଟିକେ ଦାଗ ଥିଲେ ନେଉନାହାନ୍ତି । ସମ୍ପୃକ୍ତ ବ୍ୟବସାୟୀମାନେ ନେଉ ନ ଥିବା ଆଳୁ ସବୁ ନଷ୍ଟ ହେଉଛି।


ଅମଳ ହୋଇଥିବା ଖରିଫ ଆଳୁ।

## ସଂକ୍ଷେପରେ

### ଜିଲାସ୍ତରୀୟ ଲୋକ ଅଦାଲତ ୨୦୬୪ ରାଜସ୍ୱ ସମେତ ଅନ୍ୟ ୩୭ ମାମଲା ଫଇସଲା

ଜୟପୁର,୧୪।୧୦ (ପବନ ପାଣିଗ୍ରାହୀ)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହିସବୁ ଲୋକ ଅଦାଲତ ଜୟପୁର,କୋରାପୁଟ, ବୋରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡା, ଲମତାପୁଟ-କୋରାପୁଟ, ଗ୍ରାମ ନ୍ୟାୟାଳୟ, କୋରାପୁଟ ଜିଲା ଉପଖଣ୍ଡ ଓ ତହସିଲ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଜିଲା ଶ୍ରମ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜୟପୁରରେ ହୋଇଥିବା ଜିଲା ନ୍ୟାୟାଳୟରେ ୨୦୬୪ ମାମଲା ଫଇସଲା ହୋଇଛି। ଏଥିରେ ଜିଲା ଦୌରାଜଜ୍ ମିଶ୍ର, ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲ, ବିଚାରପତି ସୁମନ ଜେନା, ଦେୱାନି ବିଚାରପତି ଅଞ୍ଜଳି ମାଛଖଣ୍ଡ, ଦେୱାନି ବିଚାରପତି ରେଖାରଣୀ ପଣ୍ଡା, ଉପଖଣ୍ଡ ଦଣ୍ଡାଧିକାରୀ ସନ୍ତୋଷ ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ପଲ୍ଲବୀ ପ୍ରିୟଦର୍ଶିନୀ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ଆଦର୍ଶ ବେହେରା ପ୍ରମୁଖ ଉପସ୍ଥିତ ରହି ପୃଥକ୍ ପୃଥକ୍ ଭାବେ ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ। ଲୋକ ଅଦାଲତରେ ୪ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀଗୁଡ଼ିକୁ କ୍ଷତି ପୂରଣ ବାବଦରେ ନିର୍ଦ୍ଦେଶ ହୋଇଛି। ବାଦୀ ମାନଙ୍କୁ ୫୫ ଲକ୍ଷ ୯୦ହଜାର ଟଙ୍କ କ୍ଷତି ପୂରଣ ଦେବାକୁ ଧାର୍ଯ୍ୟ କରାଯାଇଥିଲା। ୧୫ଟି ବୈବାହିକ ମାମଲା, ୯ଟି ଅନ୍ୟାନ୍ୟ ପ୍ରାକ୍ ମାମଲାର ଫଇସଲା କରାଯାଇଥିଲା। ୯ଟି ଶ୍ରମ ମାମଲା ଓ ଏହା ସହିତ କୋରାପୁଟ ଜିଲାର ଜିଲା ଉପଖଣ୍ଡ ଓ ସମସ୍ତ ତହସିଲ ଦ୍ୱାରା ୨୦୬୪ଟି ରାଜସ୍ୱ ମାମଲାର ବିଚାର କରାଯାଇ ୩ ଲକ୍ଷ ୮୧ ହଜାର ୦୯୨ ଟଙ୍କା ଆଦାୟ କରାଯାଇଥିଲା। ଏହି ଅଦାଲତ ବେଞ୍ଚଗୁଡ଼ିକରେ ଆଇନଜୀବୀ ଶଶାନନ୍ଦ ମିଶ୍ର, ଆନନ୍ଦ ରଥ, ଶରତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଜୟପୁରର ସମସ୍ତ କୋର୍ଟକର୍ମଚାରୀ, ଆଇନ ସେବା ପ୍ରାଧିକରଣ କର୍ମଚାରୀ ସହଯୋଗ କରିଥିଲେ।

### ସାଇବର ଅପରାଧ ରୋକିବା ନେଇ ସଚେତନତା ଶୋଭାଯାତ୍ରା



କୋରାପୁଟ, ୧୪।୧୦(ଅମିତାଭ ବେହେରା)

ସାଇବର ଅପରାଧ ରୋକିବା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ କୋରାପୁଟ ପୋଲିସ ପକ୍ଷରୁ ଶନିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୋଲିସ ପଡ଼ିଆଠାରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ନିଜେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସାଇବର ଠକେଇଠାରୁ ଜନସାଧାରଣ କିପରି ସୁରକ୍ଷିତ ରହିବେ ସେ ସମ୍ପର୍କରେ ସହରବାସୀ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱୟଂ ସହାୟିକ ମହିଳା ଗୋଷ୍ଠୀ, ଗାଡ଼ି ଡ୍ରାଇଭର ଓ ଅନ୍ୟ ବୁଦ୍ଧିଜୀବୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଏହି ସଚେତନତା ଶୋଭାଯାତ୍ରା ପୋଲିସ ପଡ଼ିଆଠାରୁ ଆରମ୍ଭ ହୋଇ କଳାନିକେତନ ଛକ, ଡିଏନ୍କେ କଲୋନି ଛକ, ପବ୍ଲିକ ସ୍କୁଲ ଛକ, ମେଡିକାଲ କଲେଜ ଛକ, ଶୋଭା କାର୍ଯ୍ୟାଳୟ ଛକ, ପରଜାସାହିଛକ, ପୁଟିଲୋସାହିଛକ, ମସ୍‌ଜିଦ ଛକ, ସିନେମା ହଲ୍ ଛକ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଛକ ଦେଇ ଶେଷରେ ପୋଲିସ ପଡିଆଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କୋରାପୁଟ ପୋଲିସ, କୋରାପୁଟ ସରକାରୀ ମହାବିଦ୍ୟାଳୟ, ଡ୍ରାଇଭର ସଂଘ, ବାର୍ ଆସୋସିଏଶନ, ପ୍ରେସ୍ କ୍ଲବ, ଏସ୍ଏଚ୍ଜି ମହିଳା, ବୁଦ୍ଧିଜୀବୀ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡମାନ ଧରି ସାମିଲ ହୋଇଥିଲେ। ଏହି ଅବସରରେ ସାଇବର ଠକେଇ ଉପରେ ଲୋକଙ୍କୁ ସଚେତନ କରାଇବାକ ଶପଥ ନେଇଥିଲେ। ଏହି ଶୋଭାଯାତ୍ରାକୁ ବିଭିନ୍ନ ଛକରେ ସହରବାସୀ, ବ୍ୟବସାୟୀ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ସ୍ୱାଗତ କରିଥିଲେ। ଏସଡିପିଓ ଶ୍ରାବଣୀ ନାୟକ, ସାଇବର ଥାନା ଅଧିକାରୀ ଭବାନୀ ପ୍ରଧାନିଙ୍କ ସମେତ ବହୁ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

## ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ



ଜୟପୁର, ୧୪।୧୦ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଶନିବାର ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ବାମୁଣି ଗାଁର ସଦା ଭୁମିଆ (୪୨)। ସଦା ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀମାନେ ବାମୁଣି ଗାଁ ରାସ୍ତାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ୧୦ ଲିଟର ମଦ ଜବତ ଜବତ ହୋଇଛି। ସେହିପରି ବିଭାଗୀୟ କର୍ମଚାରୀ ଜୟପୁର ବ୍ଲକ ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଚଢାଉ କରି ୧୨ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ଚଢାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ ଜବତ କରି କର୍ମଚାରୀମାନେ ଫେରିଥିବା ଜଣାପଡିଛି।

# ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବିରେ ହେବ ଜିଲାସ୍ତରୀୟ ସତ୍ୟାଗ୍ରହ

## ଚିଟ୍‌ଫଣ୍ଡ ଜମାକାରୀ ଚିହ୍ନଟ ପ୍ରକ୍ରିୟା

ଜୟପୁର,୧୪।୧୦ (ପବନ ପାଣିଗ୍ରାହୀ)

ଅବିଭକ୍ତ କୋରାପୁଟ ଜିଲାର ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚର ବୈଠକ ଜୟପୁର ଶ୍ରମିକ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଦୀପ ମହାରଣା ଓ ଅଖିଳ ଚନ୍ଦ୍ର ତାପାଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଚିଟ୍‌ଫଣ୍ଡ ଜମାକାରୀ ଆନ୍ଦୋଳନର ଆବାହକ ଜୟନ୍ତ ଦାସ ଯୋଗ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜମାକାରୀଙ୍କୁ ବାରମ୍ବାର କରିଥିବା ପ୍ରତାରଣାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସରକାରଙ୍କ ପ୍ରୋତ୍ସାହନ ନେଇ ଅସାଧୁ କମ୍ପାନୀଗୁଡ଼ିକ ଜମାକାରୀଙ୍କୁ ପ୍ରଲୋଭିତକରି ଜମା ଟଙ୍କା ନେଇ ଉଭାନ ହୋଇଥିଲେ। ୨୦୧୩ ପରେ ଜମାକାରୀଙ୍କ ଜମା ଟଙ୍କାରେ କରିଥିବା ବିଭିନ୍ନ ସ୍ଥାବର ଓ ଅସ୍ଥାର ସମ୍ପତ୍ତିକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜବତ କରି ସେହି ସମ୍ପତ୍ତି ଓ ଅର୍ଥ ସରକାର ନିଜ ପାଖରେ ରଖିଥିଲେ ମଧ ଜମାକାରୀଙ୍କୁ ଫେରାଉ ନାହାନ୍ତି। ସରକାର ଜମାକାରୀଙ୍କୁ ଠକୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ନିକଟରେ ସୁପ୍ରିମକୋର୍ଟ ଏହି ଠକାମି ଘଟଣାରେ ହସ୍ତକ୍ଷେପକରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଜମାକାରୀଙ୍କୁ ଚିହ୍ନଟ ଓ ଛୋଟ ବଡ଼ ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତରେ ଅବଲମ୍ବନ କରୁଥିବା ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି। ଡସ୍ ଆଇନ ଏବଂ ଓପିଡା ଆଇନ ଭିତ୍ତିରେ ଯେକୌଣସି ସଂସ୍ଥାର କ୍ଷତିଗ୍ରସ୍ତ ଜମାକାରୀ ତାଙ୍କ ଜମାଟଙ୍କା କ୍ଲେମ୍ ଆବେଦନ ଫର୍ମରେ ଜମାକାରୀ ମିଳିତ ମଞ୍ଚ ମାଧ୍ୟମରେ ଜିଲାପାଳଙ୍କଠାରେ କ୍ଲେମ ଆବେଦନ ଦାଖଲ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ନଭେମ୍ବର ୧୫ ଏବଂ ମାଲକାନଗିରି ଜିଲାପାଳଙ୍କଠାରେ ନଭେମ୍ବର ୧୭ରେ ହେବାକୁ ଥିବା ଗଣସତ୍ୟାଗ୍ରହରେ ଜମାକାରୀମାନେ ସାମିଲ ହେବାକୁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଏହା ପୂର୍ବରୁ ଜିଲା ଓ ପ୍ରତି ବ୍ଲକସ୍ତରରେ ଜମାକାରୀ ବୈଠକ ପାଇଁ ସ୍ଥିର ହୋଇଛି। ବୈଠକରେ ସଦାନନ୍ଦ ଗୁଣ୍ଠା, ଲକ୍ଷ୍ମଣ ନାଏକ, ରାଜେନ୍ଦ୍ର ଡାକୁଆ, ରାମଣା ସିସା, ମାଲେଶ ହଣ୍ଟାଲ, ଗଙ୍ଗାରାଓ ଦୁରିଆ, ଡୁଲା ନାଏକ, ସୋନାଧର ମୁଦୁଲି, ରତ୍ନ ଦଣ୍ଡସେନା, ପୀତାମ୍ବର ଟୋଲା, ଗୋପୀ ନାଏକ, ଦିଗାମ୍ବର ଖେମୁଡୁ, ପ୍ରମୋଦ ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇତି ମଧ୍ୟରେ ସାହାରା ଗ୍ରୁପ୍ ଅଧୀନରେ ୪ଟି ପଲିସିର ଜମାକାରୀଙ୍କୁ କେନ୍ଦ୍ରୀୟ ସମବାୟ ମହାପ୍ରବନ୍ଧକ ଚିହ୍ନଟକରି ସେବି ନିକଟରେ ଥିବା ଅର୍ଥରୁ ଜମାଟଙ୍କା ଫେରସ୍ତ ନିର୍ଦ୍ଦେଶ ପରେ ସିଆର୍‌ସିଏସ୍-ସାହାରା ରିଫଣ୍ଡ ୱେବ ପୋର୍ଟାଲ ମାଧ୍ୟମରେ ଜମାକାରୀଙ୍କଠାରୁ ଅନ୍‌ଲାଇନ କ୍ଲେମ ଆହ୍ୱାନ କରି ସାହାରା ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।


ବୈଠକରେ ଯୋଗ ଦେଇଥିବା ଜମାକାରୀମାନେ ।

## ଅଟୋ ଓଲଟି ଡ୍ରାଇଭର ମୃତ

ପୋଲସରା,୧୪।୧୦(ସୁବ୍ରତ ବେହେରା)

ପୋଲସରା ଥାନା ଅନ୍ତର୍ଗତ ଲୁଣିଆପଡ଼ା ନିକଟସ୍ଥ ରାସ୍ତାରେ ଶନିବାର ଏକ ଅଟୋ ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁର ବଡ଼ ରାଉଳ ସାହିର ଶଙ୍କର ରାଉଳା(୪୦)। ପୁରୁଷୋତ୍ତମପୁରରୁ କବିସୂର୍ଯ୍ୟନଗର ଥାନା ବଣମହୁରି ଦେଇ ୫ ଜଣ ଯାତ୍ରୀଙ୍କୁ ନେଇ ଶଙ୍କର ପୋଲସରା ଥାନା କସିପଡ଼ା ମା ସିଂହାସନୀ ମନ୍ଦିର ଅଭିମୁଖେ ବାହାରିଥିଲେ। ରତନେଇ ଗାଁ ନିକଟସ୍ଥ ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତ ଆହତଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଡ୍ରାଇଭର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ.୬୨୭/୨୩ରେ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।



କୋରାପୁଟ ଜିଲା ବୈପାରିଗୁଡ଼ାସ୍ଥିତ ସୋସାଇଟି ଫର୍ ହେଲ୍‌ଥ ଏଜୁକେଶନ ଆଣ୍ଡ ଡେଭଲପମେଣ୍ଟାଲ ଆକ୍ସନ (ସେଡା) ପକ୍ଷରୁ ଖଦୀ ମହୋତ୍ସବ ପାଳନ ଅବସରରେ ଶନିବାର ବାହାରିଥିବା ଶୋଭାଯାତ୍ରା।

# ବାଲାଜୀ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଘଟଣାରେ ୩ ଗିରଫ

କୋରାପୁଟ, ୧୪।୧୦(ଅମିତାଭ ବେହେରା)

ବାଲାଜୀ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି ଘଟଣାରେ ଟାଉନ ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ ଶନିବାର କୋର୍ଟ ଚାଲାଣ କରିଥିବା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରାବଣୀ ନାୟକ କହିଛନ୍ତି। ଗିରଫ ୩ ଅଭିଯୁକ୍ତ ହେଲେ କୋରାପୁଟ ଢେପସାହିର ବି. ଶଙ୍କର(୧୯), ପରଜାସାହିର ରୋହଣ ଖିଲ(୧୯) ଏବଂ ନିଶାଣିମୁଣ୍ଡା ଅଞ୍ଚଳର କ୍ରିଷ୍ଣା ନାଗ(୨୩)। ସେମାନଙ୍କଠାରୁ ୬ ହଜାର ୨୫୦ ଟଙ୍କା ଜବତ କରାଯାଇଛି। ଚୋରିରେ ବ୍ୟବହୃତ ଦୁଇଟି ଲୁହାରଡ୍, ଗୋଟିଏ ଲୁହା ପ୍ଲେଟ୍ କଟର, ଗୋଟିଏ ହାତୁଡି ମଧ୍ୟ ଜବତ ହୋଇଥିବା ଏସ୍‌ଡିପିଓ ନାୟକ ସୂଚନା ଦେଇଛନ୍ତି।

ଖବରରୁ ଜଣାପଡ଼ିଛି, ଅଗଷ୍ଟ ୨୮ ବିଳମ୍ବିତ ରାତିରେ କୋରାପୁଟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ବାଲାଜୀ ମନ୍ଦିରର ୩ଟି ହୁଣ୍ଡି ତାଡି ଲୁଟେରାମାନେ ନେଇଯାଇଥିଲେ । ବାଟରେ ହୁଣ୍ଡିକୁ ତାଡି ସେଥିରେ ଥିବା ଟଙ୍କା ନେଇଯାଇ ଗିରଫ ଭୟରେ କୋରାପୁଟରୁ ଅନ୍ୟଆଡେ ଫେରାର ହୋଇଯାଇଥିଲେ । ଏନେଇ ମନ୍ଦିର କମିଟି ସମ୍ପାଦକ ଅନିଲ କୁମାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ୨୪୧/୨୩ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ଆଇ ଲତିକା ବୈଦ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବାକୁ ସହର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସ୍ଥାନୀୟ କେତେଜଣ ଲୋକଙ୍କ ସୂଚନା ଏବଂ ବିଭିନ୍ନ ସୂଚନାକୁ ଆଧାରକରି ଶୁକ୍ରବାର ରାତିରେ ଘଟଣାରେ ଜଡିତ ରୋହଣ ଖିଲଙ୍କୁ ପ୍ରଥମେ ପୋଲିସ ଗିରଫକରି ଜେରା କରିବା ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ଓ କ୍ରିଷ୍ଣାଙ୍କୁ ପୋଲିସ କୋରାପୁଟ ସହରରୁ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ସେମାନଙ୍କଠାରୁ ଜବତ ହୋଇଥିବା ୬୨୫୦ ଟଙ୍କା ମନ୍ଦିର ସମ୍ପାଦକ ଅନିଲ କୁମାରଙ୍କୁ ଏସ୍‌ଡିପିଓ ପ୍ରଦାନ କରଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନାୟକଙ୍କ ସହ ଭାରପ୍ରାପ୍ତ ଟାଉନ ଥାନା ଅଧିକାରୀ ଭବାନୀ ପ୍ରଧାନୀ, ଏସ୍‌ଆଇ ଲତିକା ବୈଦ୍ୟ, ଶାନ୍ତୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରାବଣୀ ନାୟକ ସୂଚନା ଦେଉଛନ୍ତି।

# ସହରର ୪ ସ୍ଥାନରେ ହେବ କଲ୍ୟାଣ ମଣ୍ଡପ

## କୋରାପୁଟ ମ୍ୟୁନିସିପାଲିଟି କାଉନସିଲ ବୈଠକରେ ନିଷ୍ପତ୍ତି

କୋରାପୁଟ, ୧୪।୧୦(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ସଭାଗୃହରେ ୧୪ତମ କାଉନସିଲର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ବିଧାୟକ ରଘୁରାମ ପଡାଲ ଯୋଗଦେଇ ରାଜ୍ୟ ସରକାରଙ୍କ ପ୍ରଦତ୍ତ ୮ କୋଟି ଟଙ୍କା ବ୍ୟୟରେ ସହରର ପୋଲିସ କଲୋନି, ପୂଜାରିପୁଟ ପଡିଆ ନିକଟରେ, ରେଲୱେ ନିକଟ ସହ ଏବଂ ଅନ୍ୟ ଏକ ସ୍ଥାନରେ ୪ଟି କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ବୈଠକରେ ସହରର ବିଭିନ୍ନ ୱାର୍ଡରେ ରାସ୍ତା ଉପରକୁ ଆସିଥିବା ଗଛଡାଳ କାଟିବା, ରାସ୍ତାରେ ଥିବା ପୁରୁଣା ପୋଲ ସ୍ଥାନାନ୍ତର, ପାନୀୟଜଳ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଏମ୍‌ପି ପ୍ରତିନିଧି ଜୟନ୍ତ କଟିମ, ଅଧୀକ୍ଷଣ ଯନ୍ତ୍ରୀ ସୁଧୀର ଦାସ, ସହକାରୀ ଯନ୍ତ୍ରୀ ନର୍ମଦା ସାହୁ, ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ । ବୈଠକକୁ ଅଶୋକ ଶାହା ପରିଚାଳନା କରିଥିଲେ ।

# ଷ୍ଟ୍ରେଚରରେ ବୁହାହୋଇ ଚିକିତ୍ସାଳୟ ଆସିଲେ ୪ ରୋଗୀ

## ଝାଡାବାନ୍ତି ଆକ୍ରାନ୍ତ ଗ୍ରାମକୁ ଯାଇ ଚିକିତ୍ସା ବ୍ୟବସ୍ଥା କରିବୁ: ଡାକ୍ତର

ଦଶମନ୍ତପୁର, ୧୪।୧୦( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତରେ ଝାଡାବାନ୍ତିରେ ଗୁରୁତର ଜଣେ ରୋଗୀଙ୍କୁ ଷ୍ଟ୍ରେଚରରେ ବୁହା ହୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ପିଣ୍ଡାପଦର ପଞ୍ଚାୟତ ଶିଶକୁଡ଼ି ଗ୍ରାମର ଭଗବତୀ ପାଇକ (୩୫), ଦେଓଖଡ଼କ ଗ୍ରାମର ସୁରଭି ମୁଦୁଲି (୧୧) ସୁକ୍ରୀ ମୁଦୁଲି (୨୩) ଓ ପଦ୍ମିନୀ ମୁଦୁଲି (୪୦) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପଡିଥିଲେ। ତେବେ ଏହି ୨ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହାୟତାରେ ପରିବାର ଲୋକେ ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ଅପେକ୍ଷାରେ ଥିବା ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ସେମାନଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ରୋଗୀ ମାନେ ସୁସ୍ଥ ଥିବା ଡାକ୍ତର ବ୍ରଜ ବିହାରୀ ନାଥ ଶର୍ମା କହିଛନ୍ତି। ଏ ସମ୍ପର୍କରେ ଡାକ୍ତର ନାଥଶର୍ମା କହିଛନ୍ତି, ଆମେ ଖୁବ୍‌ଶୀଘ୍ର ସମ୍ପୃକ୍ତ ୨ ଗ୍ରାମକୁ ଯାଇ ଚିକିତ୍ସା ବ୍ୟବସ୍ଥା କରିବୁ।


ଷ୍ଟ୍ରେଚରରେ ଜଣେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ନିକଟକୁ ଅଣାଯାଉଛି।



### ବାଇକ୍ ନମ୍ବର ପ୍ଲେଟ୍ ଧରପଗଡ

## ଆଗପଛ ବୋର୍ଡରେ କଳା ନମ୍ବର ଲେଖି ଥାନାରେ ଲଗାଇଲେ

ଜୟପୁର,୧୪।୧୦(ପବନ ପାଣିଗ୍ରାହୀ )

ଜୟପୁର ଟାଉନଥାନା ପୋଲିସ ଏବେ ବାଇକ୍‌ର ପଞ୍ଜୀକୃତ ନମ୍ବର ପ୍ଲେଟ୍ ଯାଞ୍ଚ ଆରମ୍ଭ କରିଛି। ଏହି କ୍ରମରେ ବିଭିନ୍ନ ଡିଜାଇନ୍ କରି ନମ୍ବର ପ୍ଲେଟ୍ ଲାଗିଥିବା ୫୦ଟି ବାଇକ୍‌କୁ ଅଟକ ରଖାଯାଇଥିଲା। ବାଇକ୍ ମାଲିକମାନେ ଆଗ ଓ ପଛର ନମ୍ବର ପ୍ଲେଟ୍ ଧଳାରେ କଳା ସାଧାରଣ ଭାବେ ଲେଖାଇ ଆଣିବାକୁ ସେମାନଙ୍କୁ କୁହାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ୪୭ଜଣ ଆଗପଛ ଧଳା ବୋର୍ଡରେ କଳା ନମ୍ବର ଲେଖାଥିବା ନମ୍ବର ପ୍ଲେଟ୍ ଆଣି ବାଇକରେ ଥାନାରେ ପୋଲିସ ସମ୍ମୁଖରେ ଲଗାଇବା ପରେ ୪୭ଟି ବାଇକ୍‌କୁ ଛଡାଯାଇଛି। ଆଉ ୩ଟି ବାଇକ୍ ଅଟକ ରଖାଯାଇଛି। ସେଭଳି ଗତ ରାତିରେ ୨ଟି ବାଇକରେ ୪ଜଣ ନିଶାସକ୍ତ ବ୍ୟକ୍ତି ଯାଉଥିବା ବେଳେ ଖ୍ରୀଷ୍ଟିୟାନ ପେଟା ଛକ ଓଫଲପେଡ୍ ନିକଟରେ ପାଟ୍ରୋଲିଂ ପୋଲିସ ହାତରେ ଧରା ପଡ଼ିଥିଲେ। ଏହି ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି। ସେମାନଙ୍କ ବାଇକଗୁଡ଼ିକୁ କୋର୍ଟରେ ଦାଖଲ କରାଯାଇଥିବା ଥାନା ଅଧିକାରୀ ପତ୍ର ସୂଚନା କହିଛନ୍ତି ।

## ସିଆର୍‌ପିଏଫ୍‌ର ସାମାଜିକ କାର୍ଯ୍ୟକ୍ରମ

ମାଲକାନଗିରି,୧୪।୧୦(ଦୁର୍ଯ୍ୟୋଧନ ପାତ୍ର)

ଜଙ୍ଗଲ ବହୁଳ ଅଞ୍ଚଳଗୁଡ଼ିକରେ ମାଓବାଦୀମାନେ ଦୀର୍ଘ ୩୦ ବର୍ଷ ଧରି ଏକ ପ୍ରକାର ସେହି ସବୁ ଅଞ୍ଚଳକୁ କବ୍‌ଜା କରିବା ସହ ସ୍ଥାନୀୟ ଲୋକମାନଙ୍କୁ ସରକାରଙ୍କ ବିରୋଧରେ ପ୍ରବର୍ତ୍ତାଇବା, ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି, ଲାଣ୍ଡ ମାଇନ୍ ବିସ୍ଫୋରଣ, ବିଭିନ୍ନ କାର୍ଯ୍ୟାଳୟ ଉପରେ ଆକ୍ରମଣ, ସୁରକ୍ଷା କର୍ମୀଙ୍କୁ ହତ୍ୟା, ଠିକାଦାରଙ୍କୁ ଧମକ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଯାନବାହନ ପୋଡ଼ିବା ଓ ବିଶେଷକରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭୟଭୀତ କରି ନିଜ ସପକ୍ଷରେ ସହଯୋଗ କରିବାରେ ସଫଳ ହୋଇଥିଲେ। ଫଳରେ ସ୍ଥାନୀୟ ଲୋକମାନେ ପରୋକ୍ଷରେ ମାଓବାଦୀଙ୍କୁ ସମର୍ଥନ କରି ଆସୁଥିଲେ । କିନ୍ତୁ ମାଓବାଦୀପ୍ରବଣ ଅଞ୍ଚଳଗୁଡ଼ିକରେ ସେମାନଙ୍କୁ ଦମନ କରିବା, ସ୍ଥାନୀୟ ଅଞ୍ଚଳର ବିକାଶ ଓ ରାସ୍ତାଘାଟ ନିର୍ମାଣ ଇତ୍ୟାଦି କାମ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ସହମତିରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ଡିଆର୍‌ଜି, କୋବ୍ରା ଓ ଡିବିଏଫ୍ ଭଳି ଅନେକ କ୍ୟାମ୍ପ ପ୍ରତିଷ୍ଠା ସହ ଦକ୍ଷ ଯବାନମାନଙ୍କୁ ନିୟୋଜିତ କରାଯାଇଛି। ଏହାଦ୍ୱାରା ମାଓବାଦୀମାନେ ସେମାନଙ୍କୁ ମୁକାବିଲା କରି ନ ପାରି ଅନେକେ ଆତ୍ମସମର୍ପଣ ଏବଂ ଯବାନଙ୍କ ଗୁଳିରେ ପ୍ରାଣ ହରାଇବା ସହ ସେମାନଙ୍କୁ ସମର୍ଥନ କରୁଥିବା ଶହ ଶହ ଗ୍ରାମବାସୀ ସୁରକ୍ଷା କର୍ମୀଙ୍କ ନିକଟରେ ଆତ୍ମସମର୍ପଣ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣକାରୀ ଥଇଥାନ ନୀତିରେ ସେମାନେ ଅନେକ ସୁବିଧା ପାଇବା ସହ ଯବାନମାନଙ୍କ ସହାୟତାରେ ନିର୍ଭୟରେ ମାଓବାଦୀ ସଂଗଠନକୁ ବିରୋଧ କରିବା ସହ ନିଜ ଅଞ୍ଚଳର ବିକାଶରେ ସହାୟକ ହେଉଛନ୍ତି। ବିଶେଷକରି ମାଲକାନଗିରି ଜିଲାରେ ବିଏସ୍‌ଏଫ୍, ପୋଲିସ ବିଭାଗ ପକ୍ଷରୁ ଜନସମ୍ପର୍କ ଶିବିର ସ୍ଥାପନ କରାଯାଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଇଥିବାରୁ ମାଲକାନଗିରି ଜିଲାରେ ମାଓବାଦୀ ସମସ୍ୟା ପ୍ରାୟତଃ ବିଲୁପ୍ତ ହେବାକୁ ଯାଉଛି। ସେହିପରି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ସିଆର୍‌ପିଏଫ୍ ଯବାନମାନେ ମଧ୍ୟ ସାଧାରଣ ଜନତାଙ୍କ ମନ ଜିଣିବା ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନତାଙ୍କୁ ଆକୃଷ୍ଟ କରୁଛନ୍ତି।

ଶନିବାର ସୁକ୍‌ମା ଜିଲା ଜଙ୍ଗଲପାରା ନିକଟସ୍ଥ ଗୁଙ୍ଗାଲ ଡ୍ୟାମ ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସିଆର୍‌ପିଏଫ୍ ୨ ବାଟାଲିୟନ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହ ସୁରକ୍ଷା କର୍ମୀମାନେ ଅଂଶଗ୍ରହଣକରି ସଫେଇ କାର୍ଯ୍ୟ କରିବା ଓ ଗ୍ରାମବାସୀଙ୍କୁ ସ୍ୱଚ୍ଛତା ବିଷୟରେ ବୁଝାଇବା ସହ ସ୍ୱଚ୍ଛତା ଈଶ୍ୱରଙ୍କ ପରିଚୟ ଏବଂ ଏହା ଆମ ସମସ୍ତଙ୍କ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ, ସୁସ୍ଥ, ପରିଷ୍କାର ପରିଚ୍ଛନ୍ନତା କେବଳ ଆମର ପରିବେଶ ନୁହେଁ, ଶରୀର, ମନ ଓ ଆତ୍ମାର ପରିଷ୍କରଣ। ଏହା ମାଧ୍ୟମରେ ଆମେ ଶେଷରେ ଭଗବାନଙ୍କୁ ଭେଟିଥାଉ ବୋଲି ସେମାନେ କହିଥିଲେ। ଜଙ୍ଗଲ ସୁରକ୍ଷା ଏବଂ ଚାରାରୋପଣ ଉପରେ ଗୁରୁତ୍ୱ ଦେବା ସହ ନିଜ ନିଜ ବାଡ଼ି ବଗିଚାରେ ଚାରାରୋପଣ କରିବା ପାଇଁ ବେହେରା ପରାମର୍ଶ ଦେଇଥିଲେ। ଏହି ଅବସରରେ ଦ୍ୱିତୀୟ କମାଣ୍ଡିଂ ଅଫିସର ପବନ କୁମାର, ଅନାମୀ ଶରଣ, ଡେପୁଟି କମାଣ୍ଡାଣ୍ଟ ସାମସନ ରାଜୁ, କମାଣ୍ଡାଣ୍ଟ ଜ୍ଞାନେଶ ପ୍ରତାପ ସିଂ, ରେଞ୍ଜ ଅଧିକାରୀ ଗୁଲଶାନ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


ସିଆର୍‌ପିଏଫ୍ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

## ଯକ୍ଷ୍ମା ନିୟନ୍ତ୍ରଣ କର୍ମଶାଳା

ମାଲକାନଗିରି, ୧୪।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଶନିବାର ଯକ୍ଷ୍ମା ରୋଗକୁ ନିୟନ୍ତ୍ରଣ କରିବା ଦିଗରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଦରରେ ଥିବା ରକ୍ତ ଭଣ୍ଡାର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିପିଏଚ୍‌ଓ ଧନେଶ୍ୱର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲାର ବିଭିନ୍ନ ଔଷଧ ଦୋକାନୀ ତଥା ଲାବ୍ ମାଲିକ ଓ ଲାଇସେନ୍ସପ୍ରାପ୍ତ କ୍ୱାକ୍‌ମାନେ ଏଥିରେ ଯୋଗଦେଇଥିଲେ। ଜିଲାରେ ଯକ୍ଷ୍ମାରୋଗ ଉପରେ ରୋକ୍ ଲଗାଇବା ଓ ନିୟନ୍ତ୍ରଣ ରଖିବା ଦିଗରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ବିଶେଷକରି ଘରୋଇ ଚିକିତ୍ସା କ୍ଷେତ୍ରରେ ଯଦି କେହି ଯକ୍ଷ୍ମା ପୀଡିତ ନିଜର ଚିକିତ୍ସା କିମ୍ବା ପରୀକ୍ଷା କରାଇବାକୁ ଆସନ୍ତି ତେବେ ତୁରନ୍ତ ତାଙ୍କୁ ଚିକିତ୍ସାଳୟକୁ ଯାଇ ଡାକ୍ତରୀ ପରାମର୍ଶ ନେବା ସହ ସେହି ଅନୁଯାୟୀ ଔଷଧ ସେବନ କରିବାକୁ ପରାମର୍ଶ ଦିଆଯାଇଥିଲା। ଯକ୍ଷ୍ମା ରୋଗ ବିଷୟରେ ସମସ୍ତେ ଅବଗତ ଅଛନ୍ତି, ସମସ୍ତେ ମିଳିମିଶି ଏହା ବିରୋଧରେ ଲଢେଇ କଲେ ଏହାକୁ ସମୂଳେ ବିନାଶ କରାଯାଇ ନିୟନ୍ତ୍ରଣରେ ରଖାଯାଇପାରିବ। ତେଣୁ ମନ ଇଚ୍ଛା ଔଷଧ ଖାଇବା ବଦଳରେ ଯକ୍ଷ୍ମାର ଲକ୍ଷଣ ଦେଖା ଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେବାକୁ ମହାପାତ୍ର ଉପଦେଶ ଦେଇଥିଲେ। ଏହି ଅବସରରେ ଜିଲାର ୩୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କର୍ମଶାଳା ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।


ଯକ୍ଷ୍ମା ନିୟନ୍ତ୍ରଣ କର୍ମଶାଳାରେ ଡାକ୍ତର ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

## ଉନ୍ନୟନମୂଳକ କାର୍ଯ୍ୟ ଦେଖିଲେ ନିର୍ବାହୀ ଅଧିକାରୀ

ମାଲକାନଗିରି,୧୪।୧୦(ଦୁର୍ଯ୍ୟୋଧନ ପାତ୍ର)

### ପୌର ପରିଷଦ

ମାଲକାନଗିରି ପୌର ପରିଷଦରେ ଉନ୍ନୟନମୂଳକ କାର୍ଯ୍ୟର ପ୍ରସ୍ତାବ ସଂଗ୍ରହ କରିବା ସହ ଜାରି ରହିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ। ଶନିବାର ମାଲକାନଗିରି ଜିଲା ସଦର ମହକୁମାରେ ଥିବା ୱାର୍ଡ ନଂ. ୧୫ର ରିକ୍ଲାମେସନ କଲୋନିରେ ନିର୍ମାଣାଧୀନ ବିଭିନ୍ନ କାର୍ଯ୍ୟଗୁଡ଼ିକର ତଦାରଖ କରିଥିଲେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପଟ୍ଟନାୟକ। ଏହି ୱାର୍ଡରେ ପୌର ପରିଷଦ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ନିଆଯାଇଥିବା ବେଳେ ସେହି କାର୍ଯ୍ୟଗୁଡିକ କିପରି ରହିଛି ସେ ନେଇ ସେ ସମୀକ୍ଷା କରିଥିଲେ। ଏହା ସହ ୱାର୍ଡର ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପଗୁଡିକର ଆବଶ୍ୟକତା ରହିଥିବା ବେଳେ ଏନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକେ ଅଞ୍ଚଳରେ ନୂତନ ପେଭର ବ୍ଲକ୍ ରାସ୍ତା, ନାଳ ନିର୍ମାଣ ନିମନ୍ତେ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଏ ଦିଗରେ ଯଥା ଶୀଘ୍ର ସେ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ଅବସରରେ ତାଙ୍କ ସହ ପୌର ପରିଷଦ ଯନ୍ତ୍ରୀ କରନ ବୁରୁଦା, ୧୫ ୱାର୍ଡ଼ ନଂ. କାଉନ୍‌ସିଲର ବିକାଶ ଦାସ, ରିକ୍ଲାମେସନ ଏସ୍‌ଡିଏ ସଭାପତି କେ.ରାହୁଲଙ୍କ ସହ ପୂର୍ବତନ କାଉନସିଲର ଶୁକଦେବ ବୈରାଗୀ ପ୍ରମୁଖ ଉପସ୍ଥିତ ଥିଲେ।


ନିର୍ବାହୀ ଅଧିକାରୀ ଓ ଅନ୍ୟମାନେ ଉନ୍ନୟନ କାର୍ଯ୍ୟ ଦେଖୁଛନ୍ତି ।

## ବଜ୍ରମହାକାଳୀଙ୍କୁ ପୂଜାକରି ଲୋକେ ପାଳିଲେ ମହାଳୟା

ପଦ୍ମପୁର, ୧୪।୧୦(ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁରରେ ଶନିବାର ମହାଳୟା ପାଳନ କରାଯାଇଛି। ଏହି ପର୍ବ ନିମନ୍ତେ ପ୍ରତି ପରିବାର ୭ଟି ଘରୁ ଚାଉଳ ଓ ପନିପରିବା ଭିକ୍ଷା ହିସାବରେ ମାଗିଥାଏ। ସେହି ଚାଉଳ ଓ ପନିପରିବାରେ କ୍ଷୀରି, ପିଠା ଓ ତରକାରୀ ପ୍ରସ୍ତୁତ କରାଯାଇ ମା ପୂର୍ବକ ପୂଜା କରାଯାଏ। ସାତ ଗୋଟି ହଳଦୀ ଗଣ୍ଠି ସୁତାରେ ବନ୍ଧାଯାଇ ମା ବ୍ରଜମହାକାଳୀଙ୍କୁ ଆବାହନ କରାଯାଏ। ୭ ପାଣିକଖାରୁ ପତ୍ରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଏ। ସନ୍ଧ୍ୟା ପୂର୍ବରୁ ଏହି ପୂଜା କରାଯାଏ। ପୂଜା ପରେ ସାହି ପଡ଼ିଶା, ବନ୍ଧୁ ପରିବାର ଲୋକେ ମିଳିମିଶି ପ୍ରସାଦ ସେବନ କରିଥାନ୍ତି। ଛୋଟ ଶିଶୁମାନଙ୍କ ହାତରେ ପୂଜା କରାଯାଇଥିବା ହଳଦୀ ଗଣ୍ଠି ପିନ୍ଧାଯାଏ। ଏହି ସୂତା ପିଲାମାନଙ୍କୁ ଖରାପ ନଜରରୁ ବଞ୍ଚାଏ ବୋଲି ବିଶ୍ୱାସ ରହିଛି। ଏହି ପୂଜା ନିମନ୍ତେ ବିବାହିତ ଝିଅଙ୍କୁ ଲୁଗାପଟା, ଭାର, ଚାଉଳ ଆଦି ପଠାଯାଏ।


ପିଲାମାନେ ପୂଜା ପାଇଁ ଭିକ୍ଷା ମାଗୁଛନ୍ତି।

ବ୍ରଜମହାକାଳୀଙ୍କୁ ପୂଜା କରାଯାଏ। ଏହା କୃଷି ଭିତ୍ତିକ ପର୍ବ ହୋଇଥିବା ଯୋଗୁ ସାତ ପ୍ରକାରର ଶାଗ,ପନିପରିବା ଓ ପାଚିଲା ଫଳକୁ ପୂଜା କରାଯାଏ। ଏଥିପାଇଁ ଏକ ଧାନ ଗଛ, ମହାଙ୍କାଳ ବୃକ୍ଷର ଶାଖା, ଅପାମାର୍ଗ ଓ ବ୍ରଜମୁଳି ବୃକ୍ଷକୁ ଅଣାଯାଇ ଧୂପ ଦୀପ ନୈବେଦ୍ୟ ଅର୍ପଣ

## ସାଇବର ସୁରକ୍ଷା ସଚେତନତା


ସ୍ୱାମୀ ଶିବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ସାଇବର ଅପରାଧ ସଚେତନତା ରଥ ନିକଟରେ ଥାନା କର୍ମଚାରୀ ଓ ଅନ୍ୟମାନେ ।

କୋରୁକୋଣ୍ଡା,୧୪।୧୦(ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ସ୍ୱାମୀ ଶିବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ନେତୃତ୍ୱରେ ସାଇବର ଅପରାଧ ସଚେତନତା ନିମନ୍ତେ ରଥ ପୂଜାର୍ଚ୍ଚନା କରାଯାଇଛି। କାର୍ଯ୍ୟକ୍ରମରେ କୋରୁକୋଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି, ଡିଏସ୍‌ପି ଦିନେଶ ନାୟକ, ଏସ୍‌ଡିପିଓ ସଚିନ ପଟେଲ, ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ, ଏଏସ୍‌ଆଇ ନୀଳାଞ୍ଚଳ ଶବର, ଏଏସ୍‌ଆଇ ପ୍ରଦୀପ କୁମାର ଖିଲ, ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, ସାମାଜିକ କର୍ମୀ ତ୍ରିଲୋଚନ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ସରୋଜ ବେହେରା ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ପଦଯାତ୍ରାରେ ବ୍ଲକ୍ ପର୍ଯ୍ୟନ୍ତ ଆସିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସାଇବର ଅପରାଧରୁ ସୁରକ୍ଷିତ ରଖିବା, ଅନ୍‌ଲାଇନ ମାଧ୍ୟମରେ ଶପିଙ୍ଗ୍ ସମୟରେ ସତର୍କତା, ଆଧାର କାର୍ଡ, ପ୍ୟାନ୍ କାର୍ଡ, ଭୋଟର ପରିଚୟପତ୍ର ସମ୍ପର୍କିତ ସତର୍କତା, ନିଯୁକ୍ତି ଠକେଇ, ଲୋନ୍ ଆପ୍ ଠକେଇ, ମାଟ୍ରିମୋନିଆଲ ବା ଉପହାର ଠକେଇ ଆଦି ଉପରେ ସଚେତନ କରାଯାଇଥିଲା।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଏମ୍‌ଭି ୭୯,୧୪।୧୦(ଭିକି ବାରିକ)

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଲୁଗେଲ୍ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଡ. ବି.ଆର୍.ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଜେନା ଉପସ୍ଥିତ ଥିବା ବେଳେ ଅନ୍ୟ ଅତିଥି ଭାବେ ଅଞ୍ଚଳର ସାମାଜିକ କର୍ମୀ ଡ. ଉତ୍ତମ ମଲ୍ଲିକ, ଲୁଗେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତପନ କୁମାର ବାଇନ୍,ଏମ୍ ପିଭି ୮୨ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଦାବରୀଶ ଦାସ, ଆନନ୍ଦ ଢ଼ାଲି, ରବୀନ୍ଦ୍ର ନାଥ ମଣ୍ଡଳ ଓ ସରପଞ୍ଚ ବୋଜା ସୋଡି ଯୋଗ ଦେଇଥିଲେ। କାଳିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇ ସଭାପତିତ୍ୱ କରିଥିଲେ। ଏମ୍‌ଭି ୮୮ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସର୍ଦ୍ଦାର ସଭା ପରିଚାଳନା କରିଥିଲେ। ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

## ଦୁର୍ଗାପୂଜା ପାଇଁ ସଜେଇ ହେଉଛି ମଣ୍ଡପ

ଏମ୍‌ଭି,୭୯,୧୪।୧୦(ଭିକି ବାରିକ)



ଦୁର୍ଗାପୂଜା ଲାଗି ଏମ୍‌ଭି ୭୯ ଅଞ୍ଚଳ ସମେତ ମାଲକାନଗିରି ଜିଲାର ବିଭିନ୍ନ ଦେବୀପୀଠ ସଜେଇ ହେଉଛି। ତୋରଣରେ ଓ କଳାକୃତିରେ ମା' ଦୁର୍ଗତିନାଶିନୀଙ୍କର ପୂଜା ଆରମ୍ଭ ହେବ। ଏଥିପାଇଁ ଜିଲାରେ କୋଣ ଅନୁକୋଣରେ ପୂଜା ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରାଜ୍ୟ ତଥା ବାହାରର ଶହ ଶହ କାରିଗର ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି। ମାଟି, କାଠ ଓ ବାଉଁଶରେ ପରାକାଷ୍ଠା ପ୍ରଦର୍ଶିତ କରିବାରେ ଲାଗି ପଡ଼ିଛନ୍ତି ଶିଳ୍ପୀ। ଏମ୍‌ଭି ୭୯ ପୂଜା ମଣ୍ଡପରେ ବିଶେଷ ମାହାତ୍ମ୍ୟ ରହିଛି। ଏଥିସହ ରଙ୍ଗାରଙ୍ଗ ତୋରଣ ଭିତରେ ପୂଜା ପାଇବେ ୧୮ ଫୁଟର ମୃଣ୍ମୟୀ ମୂର୍ତ୍ତି।

## ଶୋଭାଯାତ୍ରାରେ ସଙ୍ଗଠନ ଦୃଢ଼ କରିବାକୁ ବାର୍ତ୍ତା

ରାୟଗଡ଼ା,୧୪।୧୦
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ରିଙ୍ଗ ରୋଡ୍‌ସ୍ଥିତ ବିଜେଡି କାର୍ଯ୍ୟାଳୟର ଏକ ବର୍ଷ ପୂର୍ତ୍ତି ଅବସରରେ ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ଓ ବୈଠକ କରାଯାଇଛି। ଦଳର ୱାଇ.ଭେଙ୍କେଟେଶ୍ୱର ରାଓ, ବିଜେଡି ଜିଲା ଉପସଭାପତି ପି.ଗୌରୀଶଙ୍କର ଓ ରାୟଗଡ଼ା ନିର୍ବାଚନମଣ୍ଡଳୀ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ରିଙ୍ଗ୍‌ରୋଡ଼ ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଏହି ଶୋଭାଯାତ୍ରାରେ ବିଜେଡି କର୍ମୀମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନୟନମୂଳକ ତଥା ଜନହିତକର କାର୍ଯ୍ୟର ପ୍ରଚାର ପ୍ରସାର କରିଥିଲେ। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଏହିଭଳି ପ୍ରଚାର ପ୍ରସାର ଜାରି ରହିବ ବୋଲି ଉପସ୍ଥିତ ସଦସ୍ୟମାନେ କହିଛନ୍ତି।


ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ଅନ୍ୟକୁ ସହାୟତା କରିବାକୁ ସବୁବେଳେ ଆଗଭର ହୁଅ

ରାୟଗଡ଼ା,୧୪।୧୦(ଭାଗ୍ୟଶ୍ରୀ ମିଶ୍ର)

### ଜିଲାସ୍ତରୀୟ ୩ ଦିନିଆ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୨୦ରୁ ଅଧିକ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ୱେଚ୍ଛାସେବୀମାନେ ଭାଗ ନେଇଛନ୍ତି। ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ପକ୍ଷରୁ ଶିବର ଆୟୋଜନ ପାଇଁ ଆର୍ଥିକ ସହାୟତା ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିର ୩ ଦିନ ଧରି ଚାଲିବ।

ଏହି ଅବସରରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ ଅର୍ଚ୍ଚନା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଫେସର ଡ଼. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟକୁ ସମ୍ମାନ ଜଣାଇବା ଅନ୍ୟକୁ ଭଲ ପାଇବା ଅନ୍ୟକୁ ସାହାଯ୍ୟ କରିବା ଏହାର ମୂଳ ଉଦେଶ୍ୟ ବୋଲି ସେ କହିଚନ୍ତି। ମାନବିକତା ବଜାୟ ରହିଲେ ଅପରାଧ କମିବ ବୋଲି ସେ ନିଜ ଅଭିଭାଷଣରେ କହିଛନ୍ତି। ସମ୍ମାନିତ ଅତିଥିଭାବେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ବବିଲତା ସୋରଙ୍ଗ ଯୋଗ ଦେଇଥିଲେ। ମାନବ ସେବା ହିଁ ମାଧବ ସେବା। ଅନ୍ୟକୁ ସହାୟତା କରବାକୁ ସେ ପିଲାଙ୍କୁ କହିଛନ୍ତି। ଜିଲା ରେଡ୍‌କ୍ରସ ସଂଯୋଜକ ପ୍ରଶାନ୍ତ ପଣ୍ଡା, ଜିଲା ରେଡ୍‌କ୍ରସ କମିଟି ଆବାହକ ଅମିତ ସାହୁ, ମହିଳା ମହାବିଦ୍ୟାଳୟ ରେଡ୍‌କ୍ରସ କାଉନସିଲର ରଘୁନାଥ ଭୁଏ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ଏବଂ ମହାବିଦ୍ୟାଳୟ କାଉନ୍‌ସିଲରଙ୍କ ସମେତ ପ୍ରାୟ ୧୦୦ ଜନ ସ୍ୱେଚ୍ଛାସେବୀ ଭାଗ ନେଇଛନ୍ତି। ଏହି ଶିବିରରେ ପିଲାମାନଙ୍କୁ ଫାଷ୍ଟଏଡ଼ ସହ ଅନ୍ୟ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣା ପଡ଼ିଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଝରିଗାଁ, ଚନ୍ଦାହାଣ୍ଡିକୁ ୨ ଆମ୍ବୁଲାନ୍ସ ଦେବେ ବିଧାୟକ

ଝରିଗାଁ, ୧୪।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ବିଧାୟକ ପାଣ୍ଠିରୁ ୩୦ଲକ୍ଷ ଟଙ୍କା ବ୍ୟୟବରାଦ କରି ୨ଟି ଆମ୍ବୁଲାନ୍ସ କିଣିବା ପାଇଁ ନବରଙ୍ଗପୁର ଜିଲାପାଳଙ୍କୁ ଚିଠି (ନଂ. ୬୨୯/୨୩) କରିଛନ୍ତି। ଖୁବ୍‌ଶୀଘ୍ର ୨ଟି ଆମ୍ବୁଲାନ୍ସ ସ୍ଥାନୀୟ ଅଞ୍ଚଳବାସୀଙ୍କ ସେବାରେ ଲାଗିବ ବୋଲି ବିଧାୟକ ମାଝି ଜଣାଇଛନ୍ତି। ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଥିବା ଜାଣି ସ୍ଥାନୀୟ ଅଞ୍ଚଳବାସୀ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବରଙ୍ଗପୁର ଜିଲା ଅଧୀନ ଝରିଗାଁ ବ୍ଲକରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ୧୦୮ ଆମ୍ବୁଲାନ୍ସ ଏବଂ ଏମ୍‌ପିଙ୍କ ପାଣ୍ଠିରୁ ପ୍ରଦାନ ହୋଇଥିବା ଅନ୍ୟ ଏକ ଆମ୍ବୁଲାନ୍ସ ୧ ମାସ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଦୀର୍ଘଦିନ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଝରିଗାଁ ବ୍ଲକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିରାଟ ସମସ୍ୟା ଉପୁଜୁଥିଲା। ନବରଙ୍ଗପୁର ଜିଲାର ଦୁର୍ଗମ ଅଞ୍ଚଳ ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ ଆମ୍ବୁଲାନ୍ସ ଅଭାବରୁ ଜନସାଧାରଣ ତୁରନ୍ତ ସ୍ୱାସ୍ଥ୍ୟସେବା ପାଇଁ ଅନେକ ହଇରାଣ ହେଉଥିଲେ। ଝରିଗାଁ ଏବଂ ଚନ୍ଦାହାଣ୍ଡି ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ବିଧାୟକ ଏହି ପଦକ୍ଷେପ ନେଇଛନ୍ତି।

### ଗଞ୍ଜେଇ ଚାଲାଣବେଳେ ବାହାର ରାଜ୍ୟର ୨ ଗିରଫ

କୋଡ଼ିଙ୍ଗା, ୧୪।୧୦(ସମରେନ୍ଦ୍ର ପଟ୍ଟନାୟକ)

ଗଞ୍ଜେଇ ଚାଲାଣ ବେଳେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଆଟିଗାଁ ପଞ୍ଚାୟତ ଡଙ୍ଗାବେଡ଼ା ଗ୍ରାମ ନିକଟରେ ପିକ୍‌ଅପ୍ ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ କୁସିନଗର ଜିଲା ତାରିଆସିଅନ ଥାନା



ଅଞ୍ଚଳର ବକିଲ ସିଂ(୪୫) ଓ ବିହାର ଗୋପାଳଗଞ୍ଜ ଜିଲା ଗୋପାଳପୁର ଥାନା ଅଞ୍ଚଳର ପବନ କୁମାର(୪୦)। ମିଳିଥିବା ସୂଚନାନୁଯାୟୀ, କୋଡ଼ିଙ୍ଗା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିଲା। ଡଙ୍ଗାବେଡ଼ା ନିକଟରେ ପୋଲିସ ଗାଡ଼ି ଯାଞ୍ଚ କରିଥିଲା। କୋଷାଗୁମୁଡା ଅଞ୍ଚଳରୁ ଛତିଶଗଡ଼କୁ ଏକ ପିକ୍‌ଅପ୍‌ରେ ଗଞ୍ଜେଇ ଚାଲାଣ ହେଉଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୪୪ କିଲୋ ୪୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏକ କୋଡ଼ିଙ୍ଗା ଥାନାରେ ୨୦୯/୨୩ରେ ମାମଲା ରୁଜୁ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

# ୮ ଶ୍ରେଣୀର ପିଲାଙ୍କୁ ପଢ଼ାଉଛନ୍ତି ୩ ଶିକ୍ଷକ

**ମେରେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ୨ କକ୍ଷରେ ପଢୁଛନ୍ତି ୧୫୩ ଛାତ୍ରୀଛାତ୍ର
- ଦାବି ସତ୍ତ୍ୱେ ପୂରଣ ହେଉନି ଶିକ୍ଷକ ପଦବୀ, ତିଆରି ହେଉନି ଶ୍ରେଣୀକକ୍ଷ

ତେନ୍ତୁଳିଖୁଣ୍ଟି, ୧୪।୧୦(ଚିଦାନନ୍ଦ ସାହୁ)



ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। କିନ୍ତୁ ସ୍କୁଲରେ ଶୈକ୍ଷିକ ବାତାବରଣ ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହୁଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ଅଧୀନ ମେରେଇସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଥିବାବେଳେ ସେମାନଙ୍କୁ ପଢ଼ାଇବାକୁ ଅଛନ୍ତି ମାତ୍ର ୩ ଶିକ୍ଷୟିତ୍ରୀ ଶିକ୍ଷକ।

ସ୍କୁଲ୍‌ର ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୫୩ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଏଥିସହ ସ୍କୁଲ୍‌ରେ ମାତ୍ର ୨ଟି ଶ୍ରେଣୀଗୃହ ରହିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଗୋଟିଏ କକ୍ଷରେ ଓ ଷଷ୍ଠରୁ ଅଷ୍ଟମ ଛାତ୍ରୀଛାତ୍ରଙ୍କୁ ଆଉ ଏକ କକ୍ଷରେ ପଢ଼ାଯାଏ। ବହୁବାର ଦାବି ପରେ ଗୋଟିଏ ଶ୍ରେଣୀ କକ୍ଷ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । କିନ୍ତୁ ତା' ବି ୨ ବର୍ଷ ହେଲା କୌଣସି କାରଣରୁ ଫାଉଣ୍ଡେଶନରୁ ଆଗକୁ ଉଠିପାରିନି। କିଛିଦିନ ତଳେ ଜଣେ ଶିକ୍ଷକ ୨ଦିନ ଛୁଟିରେ ଥିଲେ। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ମାଳି ହରିଜନ ଟ୍ରେନିଂ ପାଇଁ ନବରଙ୍ଗପୁର ଯାଇଥିଲେ। କେବଳ ଜଣେ ଶିକ୍ଷୟିତ୍ରୀ ୮ଶ୍ରେଣୀର ପିଲାଙ୍କୁ ସମ୍ଭାଳିବା ସହ ମଧ୍ୟାହ୍ନଭୋଜନ ପରିଚାଳନା କରୁଥିଲେ। ଏପରି କ୍ଷେତ୍ରରେ ପିଲାଙ୍କ ପାଠପଢ଼ା କିପରି ହେଉଥିବ ତାହା ବେଶ୍ ଅନୁମେୟ। ବର୍ଷେ ହେବ ସ୍କୁଲରେ ଏପରି ଭାବେ ପାଠପଢ଼ା ଚାଲିଛି। ପୂର୍ବରୁ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଦିଆଯାଇଥିଲା। କିଛିଦିନ ହେଲା ତାଙ୍କ ଡେପୁଟେଶନକୁ ବାତିଲ କରିଦିଆଯାଇଛି। ବିଦ୍ୟାଳୟକୁ ଆବଶ୍ୟକ ଶିକ୍ଷକ ଦେବାକୁ ଅନୁରୋଧ କରାଯାଉଥିବାବେଳେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିଚାଳନା ନିୟମ ପ୍ରକାରେ ଛାତ୍ରୀଛାତ୍ର ଅନୁପାତରେ ଏଠାରେ ୬ ଶିକ୍ଷକ ଓ ୮ଟି ଶ୍ରେଣୀଗୃହ ରହିବା କଥା। କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖାଯାଉଛି। ଏ ନେଇ ଏବିଇଓ ମୋହନ ମଧୁସୂଦନ ବାଘଙ୍କୁ ପଚାରିବାରୁ ବ୍ଲକରେ ୮୩ଟି ବିଦ୍ୟାଳୟ ଏଭଳି ଦୁଇ କି ତିନି ଶିକ୍ଷକରେ ଚାଲିଛି। ଆମେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଇଛୁ। ବର୍ତ୍ତମାନ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ତୁରନ୍ତ ଖାଲି ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି।

# କଲେଜରେ ଛାତ୍ରବୃତ୍ତି ସଚେତନତା ଶିବିର



ଜଣେ ଅତିଥି ନିଜ ଅଭିଭାଷଣ ରଖୁଛନ୍ତି।

ନବରଙ୍ଗପୁର,୧୪।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ଟିର୍ଲିଅମ୍ବାଗୁଡ଼ାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଭିନ୍ନ ପ୍ରକାର ଛାତ୍ରବୃତ୍ତି ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ମାର୍ଗଦର୍ଶନ କରିଥିଲେ।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପୋଷ୍ଟ ମ୍ୟାଟ୍ରିକ ଛାତ୍ରବୃତ୍ତି ସମ୍ପର୍କରେ ଜିଲା ଛାତ୍ରବୃତ୍ତି ସଂଯୋଜକ ଶିଶିର କୁମାର ପଣ୍ଡା ଆଲୋଚନା କରିଥିଲେ। ଜିଲା ଶ୍ରମ ବିଭାଗ ତରଫରୁ କେଉଁ କେଉଁ ଛାତ୍ରବୃତ୍ତି ହାସଲ କରାଯାଇ ପାରିବ ଓ ତାହାର ମାପଦଣ୍ଡ କଣ ସେ ବିଷୟରେ ସହକାରୀ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ବୁଝାଇ ଥିଲେ। କୃଷି କାର୍ଯ୍ୟରେ ନିୟୋଜିତ ଅଭିଭାବକଙ୍କ ପିଲାଙ୍କ ପାଇଁ ରହିଥିବା ବୃତ୍ତି ସମ୍ପର୍କରେ ଜିଲା କୃଷି ବିଭାଗ ଅଧିକାରୀ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ କେଉଁ ଭଳି ଛାତ୍ରବୃତ୍ତି ପାଇ ପାରିବେ ଓ କେଉଁ ପ୍ରମାଣ ପତ୍ରର ଆବଶ୍ୟକତା ରହିଛି ସେ ବିଷୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏ. ଧନଞ୍ଜୟ ରାଓ କହିଥିଲେ। ଗୋପବନ୍ଧୁ ଛାତ୍ରବୃତ୍ତି, ସଂଖ୍ୟା ଲଘୁ, ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ଏବଂ ଆର୍ଥିକଭାବେ ପଛୁଆ ଥିବା ସାଧାରଣ ଶ୍ରେଣୀ ପିଲାଙ୍କ ପାଇଁ ଥିବା ସରକାରୀ ପ୍ରୋତ୍ସାହନ ବିଷୟରେଜିଲା ସମାଜ ମଙ୍ଗଳ ବିଭାଗର ବିଭାଗୀୟ ଅଧିକାରୀ କହିଥିଲେ। ପ୍ରଥମ ବର୍ଷରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଥିବା ୟୁଜି ମେରିଟ ଛାତ୍ରବୃତ୍ତି ଓ ଓଡ଼ିଆ ସମ୍ମାନ ପିଲାଙ୍କ ପାଇଁ ଥିବା ଫକୀରମୋହନ ଶିକ୍ଷା ସହାୟତା ସମ୍ପର୍କରେ ସହକାରୀ ପ୍ରଫେସର ଡ ଅରବିନ୍ଦ କୁମାର ଓଝା କହିଥିଲେ। ବ୍ୟାଙ୍କ ସମ୍ବନ୍ଧୀୟ ସହାୟତ ସମ୍ପର୍କରେ ସହକାରୀ ଲିଡବ୍ୟାଙ୍କ୍ ଅଫିସର ନିଳାଞ୍ଚଳ ସାହୁ କହିଛନ୍ତି। କାର୍ଯ୍ୟକ୍ରମକୁ ଅଧାପିକା ଜି.ଭି.ଭି ରଞ୍ଜିତା ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ ନୀଳକଣ୍ଠ ତ୍ରିପାଠୀ, ରାହୁଲତା କହଁର, ସୋନୁ ସାହୁଙ୍କ ସମେତ ସମସ୍ତ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ସଚେତନତା ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ପୋଲିସ, ବରିଷ୍ଠ ନାଗରିକ ଓ ଅନ୍ୟମାନେ।

ନବରଙ୍ଗପୁର,୧୪।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଶନିବାର କରାଯାଇଛି। ପଦଯାତ୍ରା ଗାନ୍ଧୀଛକରୁ ଆରମ୍ଭ ହୋଇ ନବରଙ୍ଗପୁର ଆଦର୍ଶ ଥାନା ନିକଟରେ ପହଞ୍ଚିଥିଲା। ଏସ୍‌ପି ଏସ.ସୁଶ୍ରୀ ପଦଯାତ୍ରାରେ ଯୋଗଦେଇଥିବା ବରିଷ୍ଠ ନାଗରିକଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଥାନାରେ ଏକ ସଚେନତା ସଭା କରାଯାଇଛି। ସାଇବର ଠକେଇରୁ ବର୍ତ୍ତିବାକୁ ବରିଷ୍ଠ ନାଗରିକଙ୍କୁ ଅଧିକ ସଚେତନତାର ଆବଶ୍ୟକ ରହିଛି ବୋଲି ବୈଠକରେ ଆଲୋଚନା ହୋଇଛି। ପୋଲିସ ପକ୍ଷରୁ ୪୫ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନେ କରାଯାଇଛି। ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ ପୋଲିସକୁ ସହାୟତା କରୁଥିବା ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ସମ୍ବିତ ବେହେରା, ଥାନା ଏସ୍‌ଆଇ, ଏଏସ୍‌ଆଇ, ହାବିଲଦାର ଓ କନଷ୍ଟେବଳ ଉପସ୍ଥିତ ଥିଲେ। ଥାନାରେ ବରିଷ୍ଠ ନାଗରିକମାନେ ଚେସ୍, କ୍ୟାରେମ୍ ଓ ଲୁଡୁ ଖେଳିଥିଲେ।

### ମୋଟର ଦୁର୍ଘଟଣାଜନିତ ଦାବି, ନିୟମ ସମ୍ପର୍କିତ କର୍ମଶାଳା

କୋରାପୁଟ, ୧୪।୧୦(ଅମିତାଭ ବେହେରା)

କୋରାପୁଟରେ ଆଇନଜୀବୀଙ୍କ ସଭାଗୃହଠାରେ ମୋଟର ଦୁର୍ଘଟଣାଜନିତ ଦାବି ଏବଂ ନିୟମ ସଂକ୍ରାନ୍ତୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଅତିରିକ୍ତ ଜିଲା ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ଦେୱାନି ବିଚାରପତି ଅଭୟ ଦାସ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଚନ୍ଦନ ଦାସ, ପ୍ରଥମଶ୍ରେଣୀ ବିଚାରପତି ଲମତାପୁଟର ସଞ୍ଜୀବ ପଣ୍ଡା ଏବଂ କନିଷ୍ଠ ଦେୱାନ ବିଚାରପତି ସୁଧାବାଇ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମୋଟର ଦୁର୍ଘଟଣା ସଂକ୍ରାନ୍ତୀୟ ରହିଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଦୁର୍ଘଟଣା ପରେ ପୋଲିସର ଦାୟିତ୍ୱ, ବିଭିନ୍ନ ପ୍ରକାରର ଫର୍ମ କିପରି ଦାଖଲ ହେବ ଏବଂ ଇନସୁରାନ୍ସ କମ୍ପାନୀର ଦାୟିତ୍ୱ ଓ ଦାବିଦାର କିପରି ସେମାନଙ୍କ ଦାବିକରିବେ ସେ ନେଇ ଉପସ୍ଥିତ ଆଇନଜୀବୀମାନଙ୍କୁ ବିଚାରପତିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ । ବୀମା ଓ କ୍ଷତିପୂରଣନେଇ ଆଇନଜୀବୀ ପ୍ରଶାନ୍ତ କୁମାର ପାତ୍ର ପରମର୍ଶଦେଇଥିଲେ। ଏହିଅବସରରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ଏସ୍‌ଡିପିଓ ଶ୍ରାବଣୀ ନାୟକଙ୍କ ସହ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ହୋଇଥିଲା।

# ମିଟସ କଲେଜରେ ବିଶ୍ୱ ଷ୍ଟାଣ୍ଡାର୍ଡ ଦିବସ



ରାୟଗଡ଼ା,୧୪।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ ଭୁଜବଳସ୍ଥିତ ମିଟସ୍ ଗ୍ରୁପ୍ ଇଞ୍ଜିନିୟରିଂ କଲେଜରେ ଶନିବାର ବିଶ୍ୱ ଷ୍ଟାଣ୍ଡାର୍ଡ଼ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାନଦଣ୍ଡର ମହତ୍ତ୍ୱ ଏବଂ ଏହାର ପ୍ରୟୋଗ ବିଷୟରେ ସଚେତନତା ସୃଷ୍ଟି କରିବା ନେଇ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ମିଟସ୍ ଗ୍ରୁପର ନିର୍ଦ୍ଦେଶକ ଡ ସି.ଭି.ଗୋପୀନାଥ ସମସାମୟିକ ସମାଜରେ ମାନଦଣ୍ଡ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ବିଶ୍ୱ ଷ୍ଟାଣ୍ଡାର୍ଡ ଦିବସ ଏବଂ ଆଇଏସ୍‌ଓ ଉପରେ ନିଜ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। କଲେଜର ପ୍ରଫେସର ଅନୀତା ନନ୍ଦ ଓ ତାଙ୍କ ଟିମ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ମିଟସ୍ ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ କଲେଜ ଡିନ୍ ପ୍ରଫେସର ଶାନ୍ତନୁ ମହାନ୍ତି ଏବଂ ମିଟସ ଗ୍ରୁପ୍ ଉପସଭାପତି ବିଶ୍ୱଜିତ ପଣ୍ଡା ପ୍ରମୁଖଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ଧାର ଶିଶୁଙ୍କୁ ପରିବାରକୁ ଦେଲା ପୋଲିସ

ନବରଙ୍ଗପୁର, ୧୪।୧୦(ସଦାଶିବ ପ୍ରହରାଜ)

ପରିବାରଠାରୁ ଅଲଗା ହୋଇଯାଇଥିବା ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ନବରଙ୍ଗପୁର ଟାଉନ ପୋଲିସ ଉଦ୍ଧାର କରି ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି।



ଉଦ୍ଧାର ହୋଇଥିବା ଶିଶୁ ।

ଶିଶୁ ଡେସ୍କରେ ଝିଅଟିକୁ ଖେଳନା ଦେବା ସହ ଯେମିତି ସେ ପୋଲିସ ଦେଖି ଭୟ ନ କରିବ ସେ ବ୍ୟବସ୍ଥା କରାଯାଇଛି।

ସୂଚନାନୁଯାୟୀ, ରଶ୍ମିତା ପାଢ଼ୀ ଝିଅ ନିଧିଙ୍କୁ ନେଇ ପୂଜା ପାଇଁ ନବରଙ୍ଗପୁର ପୂଜାରୀ ସାହିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ପୂଜାରେ ରଶ୍ମିତା ରହିଥିବା ବେଳେ ନିଧି ଘରୁ ବାହାରି ଯାଇଥିଲେ। ସେ ରାସ୍ତା ଭୁଲି ଆଉ ଫେରିପାରି ନ ଥିଲେ। ନୂଆବନ୍ଧ ସାହି ଛକ ନିକଟରେ ନିଧି ଅଟକି ଏଣେତେଣେ ଅନାଉଥିଲେ। ଟାଉନ୍ ହଲ୍ ପାର୍ଶ୍ୱରେ ଟ୍ରାଫିକ୍ ନିୟନ୍ତ୍ରଣରେ ଥିବା ହୋମଗାର୍ଡ ବିରାଜ ଭତ୍ତରା ଏବଂ ଖଗପତି ଜାନୀ ଏହା ଦେଖି ଝିଅଟିର ପରିବାର ଲୋକଙ୍କୁ ଖୋଜାଖୋଜି କରିଥିଲେ। ଏଥିସହ ନିଧିଙ୍କୁ ଟାଉନ ଥାନାରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ଟାଉନ ଥାନାରେ କାର୍ଯ୍ୟରତ ପୋଲିସ ଏସ୍‌ଆଇ ପୂର୍ଣ୍ଣିମା ଟେଟେ ଝିଅଟିର ଯତ୍ନ ନେଇଥିଲେ। ଖେଳନା ଦେଇ ତାଙ୍କୁ ବୁଝାଇଥିଲେ। ଟାଉନା ଥାନା ପୋଲିସ ଟିମ୍ ଅଧାଘଣ୍ଟା ଧରି ନିଧିଙ୍କ ପରିବାର ଲୋକଙ୍କୁ ଖୋଜିଥିଲେ। ପରେ ତାଙ୍କ ସନ୍ଧାନ ପାଇ ନିଧିଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍ତ୍ରୀଙ୍କୁ ନିର୍ଯାତନା, ଥାନାରେ ମାମଲା

ଜୟପୁର,୧୪।୧୦(ପବନ ପାଣିଗ୍ରାହୀ )

ସ୍ତ୍ରୀଙ୍କୁ ବାରମ୍ବାର ନିର୍ଯାତନା ଦେବାରୁ ଜଣେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସ୍ୱାମୀଙ୍କ ବିରୋଧରେ ସେ ଅଭିଯୋଗ ଆଣିଛନ୍ତି। ଫଳରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି, ସେମିଳିଗୁଡା ଥାନା ଅର୍ନ୍ତଗତ ଏମ୍. ଦଳାଇଗୁଡା ଗ୍ରାମର କମୁଲୁ ହନ୍ତାଳ ଓ ସ୍ତ୍ରୀ ଶକୁନ୍ତଳା ସାବତ ଗତ ୧୭ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ସେମାନଙ୍କ ଦୁଇଟି ସନ୍ତାନ ରହିଛନ୍ତି। ଉଭୟ ପ୍ରେମ ବିବାହ କରିଥିଲେ ହେଁ ଉଭୟଙ୍କ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ ସର୍ବଦା ମତାନ୍ତର ଲାଗି ରହିଥିଲା। ଇତି ମଧ୍ୟରେ କମୁଲୁ କୁନ୍ଦୁଲି ଲ୍ୟାମ୍ପରେ ପିଅନ୍ ଚାକିରି ପାଇଥିବା ଥିବା ବେଳେ ଶକୁନ୍ତଳା ଆଶାକର୍ମୀ ଭାବେ କାମ କରୁଥିଲେ। କମୁଲୁ ଶକୁନ୍ତଳାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଏଥିପାଇଁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ପୂର୍ବରୁ ସେମିଳିଗୁଡା ଥାନାରେ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ୩ଥର ଅପୋଷ ବୁଝାମଣା ହୋଇଛି। କମୁଲୁଙ୍କ ନିର୍ଯାତନା ଅଧିକ ହେବାରୁ କିଛି ଦିନ ତଳେ ନିଜର ୨ ପୁଅଙ୍କୁ ନେଇ ଶକୁନ୍ତଳା ସେମିଳିଗୁଡାରେ ଏକ ଘର ଭଡା ନେଇ ରହିଥିଲେ। ଘରକୁ କମୁଲୁଙ୍କୁ ଆସିବାକୁ ସେ ମନା କରିଥିଲେ। ତେବେ କମୁଲୁ ନିଜ ପିଲାଙ୍କୁ ଦେଖିବା ବାହାନାରେ ଶକୁନ୍ତଳାଙ୍କ ଭଡାଘରକୁ ଯିବା ଆସିବା କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କମୁଲୁ ଶକୁନ୍ତଳାଙ୍କୁ ମାରପିଟ୍ କରି ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଶକୁନ୍ତଳା ମହିଳା ଥାନାରେ ଅଭିଯୋଗ କରିଥିଲେ। ଏଏସ୍‌ଆଇ ବିକାଶ ଚନ୍ଦ୍ର ନାୟକ ଘଟଣାର ତଦନ୍ତ କରି କମୁଲୁଙ୍କ ନାମରେ ମାମଲା (୧୧୩/୨୩) ରୁଜୁ କରିଥିବା ଆଇଆଇସି ଅନିତା କୁଜୁର କହିଛନ୍ତି।

# ନବରଙ୍ଗପୁରରେ ୭୮୮୧, ରାୟଗଡ଼ାରେ ୧୬୦୭ ମାମଲା ଫଇସଲା

**ଜିଲାସ୍ତରୀୟ ଲୋକ ଅଦାଲତ**

ନବରଙ୍ଗପୁର/ରାୟଗଡ଼ା, ୧୪।୧୦(ସଦାଶିବ ପ୍ରହରାଜ/ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ନବରଙ୍ଗପୁର ଓ ରାୟଗଡ଼ା ଜିଲାରେ ଶନିବାର ଜିଲାସ୍ତରୀୟ ତୃତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଆୟୋଜିତ ଏହି ଲୋକ ଅଦାଲତରେ ନବରଙ୍ଗପୁରରେ ୭୮୭୬ ରାଜସ୍ୱ ମାମଲା ଓ ରାୟଗଡ଼ାରେ ୧୬୦୭ କେସ୍‌ର ଫଇସଲା କରାଯାଇଛି।

ନବରଙ୍ଗପୁର ଜିଲା କୋର୍ଟ ପରିସରରେ ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ କରାଯାଇଛି। ପରିବାର ବିଚାର ବିଭାଗୀୟ ଜଜ୍ ଡ. ମୁନରାନୀ ମିଶ୍ର ୫ଟି ପାରିବାରିକ ବିବାଦର ସମାଧାନ କରିଛନ୍ତି। ଅତିରିକ୍ତ ଜିଲାଜଜ୍ ଗିରିଜା ପ୍ରସାଦ ମହାପାତ୍ର ଗୋଟିଏ ଏମ୍‌ଏସିଟି କେସ୍ ଫଇସଲା କରି ୬ଲକ୍ଷ ୮୦ ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ଏହି ଜିଲାସ୍ତରୀୟ ଲୋକ ଅଦାଲତରେ ୭୮୭୬ଟି ରାଜସ୍ୱ କେସ୍‌ର ଫଇସଲା କରାଯାଇଛି। ଏହି ଜିଲାସ୍ତରୀୟ ଲୋକ ଅଦାଲତରେ ବରିଷ୍ଠ ଜିଲାଜଜ୍ (ପୋକ୍‌ସୋ) ପ୍ରଣତି ଶାହା, ଅତିରିକ୍ତ ଜିଲାଜଜ୍ ଶିବପ୍ରସାଦ ମିଶ୍ର, ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ, ବରିଷ୍ଠ ଦେୱାନି ଜଜ୍ ରାଜୀବ ଲୋଚନ ସାହୁ, ଜିଲା କୋର୍ଟ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେୱାନି ଜଜ୍ (ମହିଳା କୋର୍ଟ) ସୁଦୀପା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ ଏହି ଲୋକ ଅଦାଲତ ପରିଚାଳନା କରିଥିଲେ। କୋର୍ଟର ଆଇନଜୀବୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

ସେହିପରି ରାୟଗଡ଼ା ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘଦିନ ଧରି ପଡ଼ିରହିଥିବା ୭ ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୪ଲକ୍ଷ ୫୨ହଜାର ଟଙ୍କା ଆଦାୟ ହୋଇଛି। ରାଜସ୍ୱ ସମ୍ବନ୍ଧିତ ୧୬୦୦ଟି ମାମଲା ଫଇସଲା ହୋଇ ଜରିମାନା ବାବଦକୁ ୮ ଲକ୍ଷ ୧୮ ହଜାର ୨୦୫ ଟଙ୍କା ଆଦାୟ ହୋଇଛି। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତକୁ ଜିଲା ସମ୍ପାଦିକା ନିବେଦିତା ପଣ୍ଡା ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତ ବିଚାରପତି ଅମୃତ ରଞ୍ଜନ ନନ୍ଦ, ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତର ବିଚାରପତି ସୋନାଲି ପଟ୍ଟନାୟକ, ଅତିରିକ୍ତ ଜିଲା ଦୌରାଜଜ୍ ରୀନା ଚୌଧୁରୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମୀନାକ୍ଷୀ ପ୍ରିୟଦର୍ଶନୀ, ରେଜିଷ୍ଟ୍ରାର ଦେବୀଜ୍ୟୋତି ମହାପାତ୍ର, ମହିଳା କୋର୍ଟ ବିଚାରପତି ସୋନାଲ ଶର୍ମା, ବରିଷ୍ଠ ଦେୱାନି ବିଚାରପତି ସୌମ୍ୟରୂପ ସାହୁ, ଉପଖଣ୍ଡୀୟ ବିଚାରପତି ବର୍ଷା ଦାସ, ପ୍ରୋବେଶନରେ ଥିବା ସିଭିଲ ଜଜ୍ ରିଚି ମିଲନ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ୪୦ ଫୁଟର ରାବଣପୋଡ଼ି ମୁଖ୍ୟ ଆକର୍ଷଣ

- ଆଜିଠୁ ମା'ଙ୍କ ନବରାତ୍ର ପୂଜା
- ଜୋର୍‌ସୋରରେ ଚାଲିଛି ଦଶହରା ପ୍ରସ୍ତୁତି

ଉମରକୋଟ, ୧୪।୧୦(ସନ୍ତୋଷ ଶତପଥୀ)

ଉମରକୋଟରେ ଦଶହରା ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରିରେ ନିମଗ୍ନ ଅଛନ୍ତି ଶିଳ୍ପୀ। ମୂର୍ତ୍ତିକାରମାନେ ପାଳନଡ଼ାରେ ଦଶଭୁଜା ଦୁର୍ଗାଙ୍କ ଆକୃତି ଦେଇ ମାଟି ପ୍ରଲେପ ଦେଇସାରିଲାଣି। ମା'ଙ୍କୁ ଆଭୂଷଣ ପ୍ରଦାନକରି ଆବାହନ କରାଯିବ। ଶନିବାର ସନ୍ଧ୍ୟାରେ ବିଲ୍ୱବରଣ କରାଯାଇଛି। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥି ରବିବାରରୁ ମା'ଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ଭକ୍ତମାନେ ମା'ଙ୍କ ପ୍ରତିମା ଓ ପୀଠ ପୂଜା ଦେଖିବାକୁ ଅପେକ୍ଷା କରିଛନ୍ତି। ଉମରକୋଟ ସହରରେ ମହାଆଡ଼ମ୍ବର ସହ ଦୁର୍ଗାପୂଜା କରାଯାଇଥାଏ। ସହରରେ ସମୁଦାୟ ୯ଟି ଜାଗାରେ ଅସ୍ଥାୟୀ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା କରାଯାଉଛି। ସମସ୍ତ ପୂଜା କମିଟିର ସଦସ୍ୟ ମେଢ଼ ପ୍ରସ୍ତୁତି ଆରମ୍ଭ କରି ସାରିଲେଣି। ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ମଧ୍ୟ ପ୍ରସ୍ତୁତି ଚାଲିଛି। ସେହିଭଳି ଗୁଲିପାଟଣା ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ୪୦ ଫୁଟ ଉଚ୍ଚତାବିଶିଷ୍ଟ ରାବଣ ପୋଡ଼ି କାର୍ଯ୍ୟକ୍ରମ ଦଶହରାରେ କରାଯିବ ବୋଲି ସୂଚନା ମିଳିଛି। ଦଶହରା ସମୟରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ସଜାଗ ରହିଥିବା ସୂଚନା ମିଳିଛି।





ଗୁଲିପାଟଣା ପୂଜାମଣ୍ଡପରେ ମୂର୍ତ୍ତି ଓ ତୋରଣ ତିଆରି ଚାଲିଛି।

